ବର୍ଷ-୪୫ : ସଂଖ୍ୟା-୪ ଜାନୁଆରୀ, ୨୦୧୫ • ପନ୍ଦର ଟଙ୍କା

ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୨

ନୂତନ ବ୍ୟାଧିର ପଦଧ୍ୱନି :
ଏକ ଚେତାବନୀ

My library was dukedom large enough.

''ମୋ ପାଠାଗାର ଗୋଟିକହିଁ ଥିଲା ମୋ ସକାଶେ ଯଥେଷ୍ଟ ବଡ଼ ରାଇଜଟିଏ !''

ଆମର ବହୁ ପାଠକ ସେକ୍‌ସପିଅରଙ୍କ The Tempest ନାଟକଟି ପାଠ୍ୟ ପୁସ୍ତକ ରୂପେ ପଢ଼ିବାର ସୁଯୋଗ ପାଇଥିବେ । ସେ ନାଟକର ମହନୀୟ ଚରିତ୍ର ପ୍ରୋସ୍ପାରୋ କାହିଁକି ତାଙ୍କ ଛୋଟିଆ ରାଜ୍ୟ (Dukedom) ଖଣ୍ଡିକ ହରାଇଲେ, ତାହାର କାରଣ ରୂପେ ଏହା ଦର୍ଶାଇଛନ୍ତି । ନିଜ ପାଠାଗାର ଭିତରେ ଜ୍ଞାନ ପିପାସା ମେଣ୍ଟାଇବାରେହିଁ ତାଙ୍କର ଅଧିକାଂଶ ସମୟ ବିତି ଯାଉଥିଲା; ରାଜ୍ୟ ସମ୍ଭାଳିବାରେ ସେ ମନ ଦେଉ ନଥିଲେ । ଫଳରେ ଶତ୍ରୁମାନେ ତାକୁ ମାଡ଼ି ବସିଲେ ଏବଂ ଭଦ୍ରଲୋକ କୌଣସିମତେ ଜୀବନ ଧରି ନିଜର ଟିକି କନ୍ୟାଟି ସହ ଏକ ନିର୍ଜନ ଦ୍ୱୀପରେ ଆସି ଉପନୀତ ହେଲେ । ଅର୍ଥାତ୍, ପାଠାଗାର ତାଙ୍କ ପାଇଁ ଥିଲା ନିଜର ସ୍ଥୂଳ ଐଶ୍ୱର୍ଯ୍ୟ ରାଜ୍ୟଠାରୁ ବହୁ ଅଧିକ ମୂଲ୍ୟବାନ୍ ଐଶ୍ୱର୍ଯ୍ୟ ।

ଯୁଗେ ଯୁଗେ ପାଠାଗାର ଯେପରି ସଭ୍ୟତାର ଏବଂ ସାମୂହିକ ସାଂସ୍କୃତିକ ମାନସିକତାର ମାନଦଣ୍ଡରୂପେ ପରିଗଣିତ ହୋଇଛି, ସେହିପରି ବ୍ୟକ୍ତିଗତ ଧୀମାନ୍ ବୃନ୍ଦଙ୍କର ଅନ୍ୱେଷଣର ଏବଂ ସତ୍‌ସଙ୍ଗ-ପ୍ରେମର ପରିଚୟ ବହନ କରିଛି । ଭଲ ବହିଠାରୁ ଭଲ ସଙ୍ଗ କ୍ୱଚିତ୍ କେହି ଦେଇପାରିବେ ।

DELNET (Developing Library Network) ନାମକ ସଂସ୍ଥା ଏବଂ ପଣ୍ଡିଚେରୀଠାରେ ଅବସ୍ଥିତ ଫରାସୀ ସରକାରଙ୍କର ସ୍ୱନାମଧନ୍ୟ ସଂସ୍ଥା French Institute ଆନୁକୂଲ୍ୟରେ ଏଠାରେ (ପଣ୍ଡିଚେରୀଠାରେ) ଗତକାଲି (୯-୧୨-୨୦୧୪) ଆରମ୍ଭ ହୋଇଛି ଏକ ତିନିଦିନିଆ ପାଠାଗାରିକ ସମ୍ମିଳନୀ । ଭାରତବର୍ଷର ତଥା ଇଂଲଣ୍ଡ, ଆମେରିକା, ଫ୍ରାନ୍ସ, ଅଷ୍ଟ୍ରେଲିଆ ଇତ୍ୟାଦି ପୃଥିବୀର ବିଭିନ୍ନ ପ୍ରାନ୍ତର ପାଠାଗାରିକ ଏବଂ ପାଠାଗାର-ବିଶେଷଜ୍ଞମାନଙ୍କର ଏ ସମ୍ମିଳନୀ ଆମର ପୂର୍ବତନ ରାଷ୍ଟ୍ରପତି ଶ୍ରୀ ଅବ୍‌ଦୁଲ କାଲାମ୍ ଉଦ୍‌ଘାଟନ କରିବା ଅନ୍ତେ ପ୍ରଥମ ଅଧିବେଶନର ପ୍ରଥମରେ ଏଇ ଲେଖକକୁ କିଛି କହିବାକୁ ଆହ୍ୱାନ କରାଯାଇଥିଲା ।

ଲେଖକ ତା'ର ସଂକ୍ଷିପ୍ତ ଉଦ୍‌ବୋଧନରେ ଯାହା କହିଥିଲା, ସେଥିରୁ କେତୋଟି କଥା ଆମ ପାଠକମାନଙ୍କ ସକାଶେ ସମାନ ମାତ୍ରାରେ ପ୍ରାସଙ୍ଗିକ ।

ସମ୍ମିଳନୀର ଆରମ୍ଭ ଦିନଟି ଥିଲା ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । (ପୂର୍ବତନ ରାଷ୍ଟ୍ରପତି ମହୋଦୟ ପ୍ରଥମେ ଆଶ୍ରମ ପରିସରକୁ ଆସି ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ସମାଧିରେ ଶ୍ରଦ୍ଧାର୍ପଣ ଅନ୍ତେ ସମ୍ମିଳନୀସ୍ଥଳକୁ ଯାଇଥିଲେ ।) ୧୯୫୦ ମସିହାରେ ଏହି ଦିନହିଁ ଶ୍ରୀଅରବିନ୍ଦଙ୍କ ଦିବ୍ୟକଳେବର ସମାଧିସ୍ଥ ହୋଇଥିଲା । ଆଜିର ବହୁବିଧ ସଂକଟ-ପ୍ରପୀଡ଼ିତ ମାନବଜାତି ପ୍ରତି ଶ୍ରୀଅରବିନ୍ଦଙ୍କର ଏକ ବିଶେଷ ଅବଦାନ ହେଲା ଭବିଷ୍ୟତ୍ ଉପରେ ଆସ୍ଥାର ଆହ୍ୱାନ । ଆଜିର ସଙ୍କଟ ବିବର୍ତ୍ତନଗତ ସଙ୍କଟ ଏବଂ ସେଥିରୁ ମାନବଜାତି ଉତ୍ତୀର୍ଣ୍ଣ ହେବ – ସେ ଆମକୁ ଏହି ଭବିଷ୍ୟଦ୍‌ବାଦୀ ଆଶାର ସୂଚନା ଦେଇଛନ୍ତି ।

ଭବିଷ୍ୟଦ୍‌ବାଦୀ ଆଶା ଉପରେହିଁ ସମଗ୍ର ପାଠାଗାର ପରମ୍ପରା ପ୍ରତିଷ୍ଠିତ । ଅତୀତର ଧୀମାନ୍‌ବର୍ଗ ପାଠାଗାର ସ୍ଥାପନ କରିଥିଲେ ସମସାମୟିକ ତଥା ଭବିଷ୍ୟତର ଅର୍ଥାତ୍ ଆଜିର ପାଠକମାନଙ୍କର ମଙ୍ଗଳ ପାଇଁ । ଆଜି ପାଠାଗାରମାନ ପ୍ରତିଷ୍ଠିତ ହେଉଛି ଆଜିର ତଥା ଅନାଗତ ଭବିଷ୍ୟତର ପାଠକମାନଙ୍କ ମଙ୍ଗଳ ପାଇଁ ।

ଯୁଗେ ଯୁଗେ ପାଠାଗାର ପରମ୍ପରା ନାନାଦି ଦୁର୍ଯୋଗ ସାମନା କରିଛି । ଦୁଇହଜାର ବର୍ଷ ତଳର ଚୀନ ସମ୍ରାଟ ସି ହ୍ୱାଂତି ତାଙ୍କ ସାମ୍ରାଜ୍ୟ ବ୍ୟାପୀ ଯେତେ ଯହିଁ ଯାହା ଲେଖାଲେଖି ଥିଲା, ସେସବୁ ଧ୍ୱଂସ କରିବାର ଉଦ୍ୟମ କରିଥିଲେ । ସେତେବେଳେ ଲେଖା ଲେଖି ହେଉଥିଲା ମୁଖ୍ୟତଃ କାଠଖଣ୍ଡ ଉପରେ । ଗୋଲାକାର କାଠ ଖଣ୍ଡମାନ ଗଢେଇ ଗଢେଇ ତହିଁପରେ ଖୋଦିତ କୁଂ ଫୁସୁ ବା କନଫ୍ୟୁସିଆସ୍ ଏବଂ ଅନ୍ୟ ମନୀଷୀମାନଙ୍କ ବାଣୀ ପଢ଼ିବାକୁ ପଡୁଥିଲା । ସେସବୁ ପୋଡ଼ି ଦିଆଗଲା । ସେତେବେଳେ ଚୀନର ବିଖ୍ୟାତ ବିଶାଳ ପ୍ରାଚୀର

(Great Wall of China – ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ) ନିର୍ମାଣ ଚାଲିଥାଏ । ସାମ୍ରାଜ୍ୟବ୍ୟାପୀ ସେ ବହି ପୋଡ଼ାରେ ଯେଉଁ ଲେଖକ ବା ପାଠକମାନେ ସହଯୋଗ କଲେ ନାହିଁ, ସେମାନଙ୍କୁ ସେମାନଙ୍କ କାଠ-ବହି ସମେତ ସେହି ନିର୍ମାଣମାନ ପ୍ରାଚୀର ଭିତରେ ଜୀବନ୍ତ ସମାଧି ଦିଆଗଲା ।

ସପ୍ତମ ଶତାବ୍ଦୀରେ ଆମ ଦେଶର ପ୍ରଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳୟ ପରିସରରେ ରହିଥିଲା ତିନୋଟି ବୃହତ୍ ଅଟ୍ଟାଳିକା ଭର୍ତ୍ତି ବହିପତ୍ର । ସେସବୁ ଦିନେ ଅଗ୍ନି ଉତ୍ପାତ ଯୋଗେ ଭସ୍ମସ୍ତୂପରେ ପରିଣତ ହେଲା । ବହିଃଶତ୍ରୁ ଦ୍ୱାରା ନା ଆଭ୍ୟନ୍ତରୀଣ ଶତ୍ରୁ ଦ୍ୱାରା ସେ ବିଭୀଷିକା ସମ୍ଭବ ହେଲା, ତାହା ନିରୂପିତ ହୋଇପାରି ନାହିଁ ।

ସେହିପରି ଧ୍ୱଂସ ହୋଇଥିଲା ଆଲେକ୍‌ଜାଣ୍ଡ୍ରିଆ ନଗରୀର ବିରାଟ ପାଠାଗାର । ବିଂଶ ଶତାବ୍ଦୀରେ ମଧ୍ୟ ଏକଚ୍ଛତ୍ରବାଦୀ ଦଳଙ୍କ ଶାସିତ ଦେଶସବୁରେ କେତେ କେତେ ପାଠାଗାର ନିଜ ସତ୍ତା ହରାଇଛନ୍ତି – ଅଥବା ବିକଳାଙ୍ଗ ହୋଇଛନ୍ତି ଆଦର୍ଶଗତ କାରଣରୁ । କିନ୍ତୁ କିଂବଦନ୍ତିର ଫିନିକ୍‌ସ ପକ୍ଷୀ (Phoenix) ଭଳି ପାଠାଗାର ପ୍ରତିଥର ଚିତାଗ୍ନି ଭିତରୁ ପୁନରୁଜ୍ଜୀବିତ ହୋଇଛି ।

ତେବେ ଆଜିର ପାଠାଗାର ପାଇଁ ସେଭଳି ସ୍ଥୂଳ ଆକ୍ରମଣ ବା ଦୁର୍ଘଟଣା ସବୁଠାରୁ ବଡ଼ ବିପଦ ନୁହେଁ । ସବୁଠାରୁ ବଡ଼ ବିପଦ ହେଲା ବହି ଉପରୁ ଯାଇ ପାଠକର – ବିଶେଷତଃ ବାଳୁତ ଏବଂ କିଶୋର ପାଠକର – ମନଧ୍ୟାନ ବୈଦ୍ୟୁତିକ ପ୍ରମୋଦ ମାଧ୍ୟମ ଉପରେ ନିବଦ୍ଧ ହେବା । ଏହା ଏକ ଗୁରୁତର ବିପଦ ଏବଂ ମାତାପିତା, ଶିକ୍ଷକ, ଅଭିଭାବକମାନେ ଯଥେଷ୍ଟ ସତର୍କ ନହେଲେ ଆଗାମୀ ପିଢ଼ି ଗୋଟାଏ କଠିନ ନୂତନ ମାନସିକ ବ୍ୟାଧିର ଶିକାର ହେବ । ସେ ବ୍ୟାଧି ବା ବିକଳତାର ନାମ ମନସ୍ତାତ୍ତ୍ୱିକମାନେ ଆପାତତଃ ଦେଇଛନ୍ତି "Internet-use-disorder" । ଆପଣ ଯଦି ପିଲାଠାରୁ ସେ ବୈଦ୍ୟୁତିକ ମାଧ୍ୟମ ଅପସରଣ କରିନେବେ ତେବେ ସେ ବିଷାଦ ରୋଗ ଦ୍ୱାରା ଆକ୍ରାନ୍ତ ହେବ । ଅଷ୍ଟ୍ରେଲିଆର ଦଳେ ମନୋବୈଜ୍ଞାନିକଙ୍କ ଗବେଷଣା, ଯାହା ପ୍ରଥମେ Sydney Morning Herald‌ରେ ପ୍ରକାଶ ପାଇଥିଲା, ତାହାର କିୟଦଂଶ ଏଠାରେ ଉଦ୍ଧୃତ କରୁଛି :

"Children addicted to using electronic devices may suffer from 'Internet-use-disorders', a newly discovered and serious mental illness. Psychologists argue video games and internet addictions share the characteristics of other addicts, including emotional shut-down, lack of concentration and withdrawal symptoms if the gadgets are removed."

ଭାରତର ପରିପ୍ରେକ୍ଷୀରେ ଏଭଳି ମାନସିକ ବ୍ୟାଧି ମହାନଗରୀମାନଙ୍କରେ ଘଟିବାକୁ ଆରମ୍ଭ କରିଛି । କିନ୍ତୁ ବୃହତ୍ତର ଭାରତ ଏ ଦିଗରେ ଆଜହୁଁ ସଚେତନ ରହିଲେ ବିପଦର ମାତ୍ରା ଊଣା ହେବ ବୋଲି ଆଶା କରାଯାଇପାରେ । ପିଲାଙ୍କ ଭିତରେ ପ୍ରତ୍ୟକ୍ଷ ପଠନ ଅଭ୍ୟାସର ବିକାଶ ଦିଗରେ ମନୋଯୋଗ ଦେବା ଅଭିଭାବକମାନଙ୍କର ଆଜି ବିଶେଷ ଦାୟିତ୍ୱ ।

– ମନୋଜ ଦାସ

□□□

ଯାହାର ଜୀବନ ଓ ଏହାର ବାଧାବିପତ୍ତି ସବୁକୁ ଧୈର୍ଯ୍ୟ ଏବଂ ଦୃଢ଼ତାର ସହ ମୁକାବିଲା କରିବା ଲାଗି ସାହସ ନାହିଁ ସେ ସାଧନା କ୍ଷେତ୍ରରେ ଏହାଠାରୁ ଆହୁରି ବୃହତ୍ତର ଆନ୍ତର ବାଧାବିପତ୍ତି ମଧ୍ୟଦେଇ କେବେ ବି ଗତି କରିବା ଲାଗି ସମର୍ଥ ହୋଇ ପାରିବ ନାହିଁ । ଏ ଯୋଗର ସର୍ବ ପ୍ରଥମ ଶିକ୍ଷା ହେଉଛି ଏକ ସ୍ଥିର ମନ, ଦୃଢ଼ ସାହସ ଓ ଦିବ୍ୟଶକ୍ତି ଉପରେ ଏକ ପରିପୂର୍ଣ୍ଣ ନିର୍ଭରତା ସହ ଜୀବନ ଓ ତା'ର ପରୀକ୍ଷା ସମୂହର ମୁକାବିଲା କରିବା ।

– ଶ୍ରୀଅରବିନ୍ଦ

ବିଗଳିତ କରୁଣାର ଧାରା

ଆଜି (୪ ତାରିଖ, ସେପ୍ଟେମ୍ବର ୨୦୧୪) 'ଟାଇମସ୍ ଅଫ୍ ଇଣ୍ଡିଆ'ର ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଛି ଏକ ତାତ୍ପର୍ଯ୍ୟପୂର୍ଣ୍ଣ ସମ୍ବାଦ । ଭାରତର ନଦନଦୀ ତାଲିକାରେ ସର୍ବାଧିକ ପୁଣ୍ୟତୋୟା ସପ୍ତନଦୀ (ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ ଏବଂ କାବେରୀ) ଭିତରେ ଅଗ୍ରଗଣ୍ୟା ଗଙ୍ଗା ବୋଲି ଆମେ ସଭିଏଁ ଜାଣିଛୁ । ସମ୍ବାଦଟି କହେ, ଏହି ସର୍ବାଧିକ ପୁଣ୍ୟତୋୟା ନଦୀକୁହିଁ ମଣିଷ ସର୍ବାଧିକ କଳୁଷିତା କରି ଛାଡ଼ିଛି । ଆହୁରି ଏକ ବିଡ଼ମ୍ବନା ହେଲା ଏ ନଦୀ କଲ୍ୟାଣରେ ପ୍ରସିଦ୍ଧି ଓ ସମୃଦ୍ଧିର ଅଧିକାରୀ ହୋଇଥିବା ବହୁ ନଗର ଓ ଜନପଦ ମଧ୍ୟରେ ଯେଉଁ ଦୁଇ ସ୍ଥାନ ଅଗ୍ରଗଣ୍ୟ, ସେହି ବାରାଣସୀ ଏବଂ ଏଲାହାବାଦ (ପ୍ରୟାଗ) ଉପକଣ୍ଠରେହିଁ ଗଙ୍ଗାର ନୀର ସର୍ବାଧିକ ଦୂଷିତ ଏବଂ ପ୍ରାୟ ଅବ୍ୟବହାର୍ଯ୍ୟ । ସେ ନୀରର ସ୍ୱଚ୍ଛତା ଫେରାଇ ଆଣିବା ଦିଗରେ ସମ୍ପ୍ରତି ସରକାର ଯେଉଁ ଯୋଜନା କରିଛନ୍ତି, ତାହାରି ଉପରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପରାମର୍ଶ ହେଲା ତାକୁ କାଗଜପତ୍ରରେ ନରଖି ବାସ୍ତବତାରେ ପରିଣତ କରାଯାଉ ଏବଂ ପ୍ରତି ପର୍ଯ୍ୟାୟର ପ୍ରଗତି ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟକୁ ଅବହିତ ରଖାଯାଉ ।

ଭାରତର ନଦନଦୀ ସମୂହର ପଟଭୂମିରେ ଥିବା କିଂବଦନ୍ତୀସବୁର ମାଧୁର୍ଯ୍ୟ ଏବଂ ତାତ୍ପର୍ଯ୍ୟ ଅତୁଳନୀୟ । ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରବର୍ତ୍ତକ ଋଷିମାନେ ନଦୀମାନଙ୍କୁ ଦେବୀ ରୂପେ ଦେଖୁଥିଲେ – ଅର୍ଥାତ୍ ପ୍ରତ୍ୟେକ ନଦୀର ଏକ ଚେତନା ରହିଛି, ତାହା ନିର୍ଜୀବ ସ୍ରୋତ ମାତ୍ର ନୁହେଁ – ସେମାନଙ୍କର ଥିଲା ଏହି ଉପଲବ୍ଧି । ଆଜି ମଧ୍ୟ ଗଙ୍ଗାର ଦିବ୍ୟସତ୍ତା ଉଦ୍ଦେଶ୍ୟରେ ପ୍ରତ୍ୟହ ସନ୍ଧ୍ୟାରେ ହରିଦ୍ୱାରଠାଁ ହଜାର ହଜାର ନରନାରୀଙ୍କୁ ଦୁଇ କୂଳରେ ରଖି ପୁରୋହିତମାନେ ଯେଉଁ ଆରତି ଅନୁଷ୍ଠାନ କରନ୍ତି, ତାହା ପ୍ରତ୍ୟେକ ଗ୍ରହଣକ୍ଷମ ହୃଦୟରେ ଏକ ଅପୂର୍ବ ସ୍ପନ୍ଦନ ସୃଜନ କରେ । ସେତେବେଳେ ମନେହୁଏ ସତେ ଯେପରି ପୃଥିବୀ ଓ ଆକାଶକୁ ଛୁଇଁ ଏକ ମହତୀ ଶକ୍ତି ବିଦ୍ୟମାନ ସେ ବାତାବରଣରେ !

ଗଙ୍ଗାର ବିଶେଷତ୍ୱ ଅପରିସୀମ । ସେ ବହୁ ସୂକ୍ଷ୍ମ ରହସ୍ୟର ପ୍ରତୀକ । ଆମେ ଜାଣୁ ଯେ ନିମ୍ନରୁ ପ୍ରାର୍ଥନା ବା ଅଭୀପ୍ସା ଏବଂ ଊର୍ଦ୍ଧ୍ୱରୁ ତା'ର ଉତ୍ତର – ଏହାହିଁ ଚେତନାଗତ ପ୍ରଗତିର ସୂତ୍ର । ଭଗୀରଥଙ୍କ ତପସ୍ୟା ଯେପରି ସେହି ଅଭୀପ୍ସାର ଏକ ରୂପ; ସ୍ୱର୍ଗଲୋକରୁ ଗଙ୍ଗାବତରଣ ସେହିପରି ସେହି ଉତ୍ତରର ଏକ ରୂପ ।

ଆହୁରି ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି – ଗଙ୍ଗାବତରଣର ପ୍ରଥମ ଭୂମିକା ହେଲା ସହସ୍ର ମୃତ ସଗର-ପୁତ୍ରଙ୍କୁ ପୁନର୍ଜୀବନ ଦାନ । ସ୍ୱର୍ଗାବତରିତ ଦିବ୍ୟକରୁଣାହିଁ ନିର୍ଜୀବକୁ ଜୀବନ୍ୟାସ ଦେଇପାରେ ।

ଭଗୀରଥଙ୍କ ତପସ୍ୟା ଫଳରେ ସମ୍ଭବ ହୋଇଥିବା ଗଙ୍ଗାବତରଣର କାହାଣୀ ସମସ୍ତ ପାଠକଙ୍କୁ ଊଣାଅଧିକେ ଜଣାଥିବ ବୋଲି ଏ ଲେଖକର ବିଶ୍ୱାସ । କିନ୍ତୁ ଗଙ୍ଗାଙ୍କ ସୃଷ୍ଟି ବୃତ୍ତାନ୍ତ ଅପେକ୍ଷାକୃତ ଅଜ୍ଞାତ । ଏ କିଂବଦନ୍ତୀର ବିପୁଳ ପ୍ରତୀକ-ମୂଲ୍ୟ କଥା ଛାଡ଼ିଦେଲେ ମଧ୍ୟ କାହାଣୀଟିଏ ଭାବରେ ଏହା କମ୍ ମୂଲ୍ୟବାନ୍ ଏବଂ ଅର୍ଥପୂର୍ଣ୍ଣ ନୁହେଁ ।

ଜ୍ୟୋତ୍ସ୍ନାପ୍ଲାବିତ ରଜନୀ । ଦେବର୍ଷି ନାରଦ ତାଙ୍କର ଚିରାଚରିତ ସାମୟିକ ମର୍ତ୍ତ୍ୟ ଭ୍ରମଣ ଅନ୍ତେ ଗୋଲୋକକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ମର୍ତ୍ତ୍ୟ ଏବଂ ସ୍ୱର୍ଗ ଭିତରେ ରହସ୍ୟମୟ ସଂଯୋଗ ମାର୍ଗ ହେଲା ହିମାଳୟ । ସ୍ନିଗ୍ଧ ଜ୍ୟୋତ୍ସ୍ନାରେ କଦବା ରୁପା କଦବା ସୁନା ଭଳି ଝଟକୁ ଥିବା ହିମାଳୟର ଉପତ୍ୟକାମାନ ନାରଦଙ୍କ ହୃଦୟକୁ ଆନନ୍ଦ-ପ୍ଲାବିତ କରୁଥା'ନ୍ତି । ସେ ତାଙ୍କର ବୀଣାରେ ଝଙ୍କାର ତୋଳିବା ସଙ୍ଗେ ସଙ୍ଗେ ସ୍ୱର୍ଗୀୟ ସଙ୍ଗୀତ ଗାନ କରି ଅଗ୍ରସର ହେଉଥା'ନ୍ତି ।

ହଠାତ୍ ତାଙ୍କ ଦୃଷ୍ଟି ଆକର୍ଷଣ କଲା ଏକ ସରୋବର ତୀରରେ ଉପବିଷ୍ଟ ଦଳେ ଅପାର୍ଥିବ ସତ୍ତା; ସେମାନେ ଅତୀବ ସୁନ୍ଦର । ମନେହେଲା ଗଭୀର ମନୋଯୋଗ ସହକାରେ ସେମାନେ ଶୁଣୁଥିଲେ ନାରଦଙ୍କ ସଙ୍ଗୀତ ।

ନାରଦ ସେମାନଙ୍କ ସମୀପକୁ ଯିବା ମାତ୍ରେ ସେମାନେ ଠିଆ ହୋଇପଡ଼ି ତାଙ୍କୁ ନମ୍ର ଅଭିବାଦନ ଜ୍ଞାପନ କଲେ । ନାରଦ ବୁଝିଲେ, ସେମାନେ ଦଳେ ଉପଦେବ, ଉପଦେବୀ ।

କେତେ ଶ୍ରେଣୀର ଉପଦେବ, ଉପଦେବୀ ଅଛନ୍ତି । ପ୍ରତ୍ୟେକ ଗୋଷ୍ଠୀର ଭୂମିକା ଅନ୍ୟଠାରୁ ଭିନ୍ନ ।

ନାରଦ ସେମାନଙ୍କୁ ସେବିଷୟରେ ପ୍ରଶ୍ନ କରି ବୁଝିଲେ, ସେମାନେ ରାଗରାଗିଣୀର ମୂର୍ତ୍ତ ଶକ୍ତି; ଗନ୍ଧର୍ବ ଓ ଗାନ୍ଧର୍ବୀ ।

ଆଳାପ ଭିତରେ ନାରଦ ଗୋଟାଏ ବିଷୟ ଲକ୍ଷ୍ୟ କରି ବିସ୍ମିତ ହେଲେ : ପ୍ରତ୍ୟେକ ଗନ୍ଧର୍ବ ଓ ଗାନ୍ଧର୍ବୀ, ସେମାନଙ୍କର ଅତୀବ କମନୀୟ ସୌନ୍ଦର୍ଯ୍ୟ ସତ୍ତ୍ୱେ, କିଛି କିଛି ମାତ୍ରାରେ ବିକଳାଙ୍ଗ । କାହାର ଚିବୁକ ଚେପା ହୋଇଗଲା ଭଳି ମନେ ହେଉଛି ତ କାହାର ଗୋଟାଏ ଚକ୍ଷୁରେ ଆଘାତର ଚିହ୍ନ, କାହାର ବା କପାଳରେ ଅଥବା ବକ୍ଷରେ କ୍ଷତ ଚିହ୍ନ !

ନାରଦ ସେମାନଙ୍କର ସେଭଳି ଅବସ୍ଥାର କାରଣ ଜାଣିବାକୁ ବ୍ୟଗ୍ର ହୁଅନ୍ତେ, ପ୍ରଥମେ ଅନିଚ୍ଛୁକ ଥିବା ଗନ୍ଧର୍ବମାନେ ତାହା ବ୍ୟକ୍ତ କଲେ : ଯେତେବେଳେ ଜଣେ ଗାୟକ କୌଣସି ଏକ ରାଗ ଗାନ କଲାବେଳେ ନିଜ ଅହଂର ବଶବର୍ତ୍ତୀ ହୋଇ ତାକୁ ବିକୃତକରି ବୋଲେ, ସେତେବେଳେ ସେହି ରାଗର ମୂର୍ତ୍ତ ଶକ୍ତି ଯେଉଁ ଗନ୍ଧର୍ବ, ତାଙ୍କ ଦେହରେ ଆସି ଗୋଟାଏ ଧକ୍କା ବସିଯାଏ । ତେମନ୍ତ ବହୁ ବହୁ ଧକ୍କାର ପରିଣତି ରୂପେ ସେମାନଙ୍କ ଅଙ୍ଗ-ପ୍ରତ୍ୟଙ୍ଗ ବିକଳ !

ଦେବର୍ଷି ଲଜ୍ଜାରେ ମସ୍ତକ ଅବନତ କଲେ; କାରଣ ସେ ନିଜେ ଜଣେ ଗାୟକ !

ଅତି ଆନ୍ତରିକ ଭାବରେ ସେ ଜାଣିବାକୁ ଚାହିଁଲେ କେଉଁ ଉପାୟରେ ଗନ୍ଧର୍ବମାନଙ୍କର ବିକଳାଙ୍ଗସବୁକୁ ପୂର୍ଣ୍ଣାଙ୍ଗ କରିହେବ । ସେମାନେ ଜଣାଇଲେ, ଯଦି ସଂଗୀତର ଆଦି ଉତ୍ସ ତଥା ପୁରୋଧା ଏବଂ ସର୍ବୋତ୍ତମ ଗାୟକ ସ୍ୱୟଂ ମହାଦେବ ଥରେ ମାତ୍ର ସେମାନଙ୍କୁ ସଂଗୀତ ଶୁଣାଇବେ, ତେବେ ସେମାନେ ତତ୍‌କ୍ଷଣାତ୍ ସେମାନଙ୍କ ହୃତ ସଂହତି ଫେରିପାଇବେ । ଅନ୍ୟ କୌଣସି ପନ୍ଥା ନାହିଁ ।

ନାରଦ ଯାଇ ମହାଦେବଙ୍କୁ ସେମାନଙ୍କ ସମସ୍ୟା ଓ ତା'ର ଏକମାତ୍ର ପ୍ରତିକାର କଥା ଜଣାନ୍ତେ ସଦାକରୁଣାମୟ ମହାଦେବ କହିଲେ, ସେ ଗୀତ ବୋଲିବାକୁ ରାଜି, କିନ୍ତୁ ତାଙ୍କ ନିଜ ସମସ୍ୟା ହେଲା ଶ୍ରୋତୃମଣ୍ଡଳୀରେ ଅନ୍ତତଃ ଜଣେ ସର୍ବୋତ୍ତମ ଶ୍ରୋତା ଉପସ୍ଥିତ ଥିବା ଚାହି । ନହେଲେ ସେ କଣ୍ଠ ଖୋଲିପାରିବେ ନାହିଁ !

ସର୍ବୋତ୍ତମ ଶ୍ରୋତା କିଏ ? ମହାଦେବ ଜଣାଇଲେ — ମାତ୍ର ଦୁଇଜଣ : ବ୍ରହ୍ମା ଏବଂ ବିଷ୍ଣୁ ।

ବ୍ରହ୍ମା ଏବଂ ବିଷ୍ଣୁଙ୍କୁ ଅନୁରୋଧ କରିବାକୁ ପଡ଼ିଲା ନାହିଁ । ମହାଦେବ ଗୀତ ବୋଲିବାକୁ ପ୍ରସ୍ତୁତ ! ତାଙ୍କ ପରିବେଷଣ ଶୁଣିବାଠୁଁ ବଳି ଅଧିକ ଆନନ୍ଦପ୍ରଦ ସୁଯୋଗ କ'ଣ ଥାଇପାରେ ?

ପରବର୍ତ୍ତୀ ପୂର୍ଣ୍ଣ-ଜ୍ୟୋତ୍ସ୍ନା-ପ୍ଲାବିତ ରଜନୀରେ ଅନୁଷ୍ଠାନର ବ୍ୟବସ୍ଥା ହେଲା । କୈଳାସରେ ଶିବଙ୍କ ସମ୍ମୁଖରେ ଆସନ ଗ୍ରହଣ କଲେ ବିଷ୍ଣୁ ଏବଂ ବ୍ରହ୍ମା । ସେମାନଙ୍କ ପଛରେ ବସିଲେ ଦେବାଦେବୀ ଏବଂ ଗନ୍ଧର୍ବକୁଳ ।

ଅବର୍ଣ୍ଣନୀୟ ସେ ସଂଗୀତମୁଖର ବାତାବରଣ । ତା'ର ମୂର୍ଚ୍ଛନା ଯାଇ ଭୂତଳରେ ସୃଜନ କଲା ଋତୁ ବସନ୍ତ । ଅନିର୍ବଚନୀୟ ପ୍ରଶାନ୍ତି ଓ ପୁଲକରେ ଆତ୍ମବିସ୍ମୃତ ରହିଲେ ଶ୍ରୋତୃମଣ୍ଡଳୀ । ଚାହୁଁ ଚାହୁଁ ଗନ୍ଧର୍ବ ଓ ଗାନ୍ଧର୍ବୀମାନେ ପୂର୍ଣ୍ଣାଙ୍ଗ ହୋଇଗଲେ ।

ହଠାତ୍ ବ୍ରହ୍ମା ଲକ୍ଷ୍ୟ କରି ଦେଖିଲେ, ମହାଦେବଙ୍କ ସଂଗୀତର ଅପୂର୍ବ ଧ୍ୱନି ସ୍ରୋତ ସହ ଏକୀଭୂତ ହୋଇ ବିଷ୍ଣୁଙ୍କ କଳେବରକୁ ଆବରିତ କରିଥିବା ଦିବ୍ୟଜ୍ୟୋତିଃର ଏକ ପ୍ରସ୍ଥ ବିଗଳିତ ହୋଇ ବହିଯିବାକୁ ବସିଛି । ବ୍ରହ୍ମା ତତ୍‌କ୍ଷଣାତ୍ ସେ ବିଗଳିତ ଜ୍ୟୋତିଃକୁ ନିଜ କମଣ୍ଡଳୁରେ ରଖିନେଲେ ।

ତାହାହିଁ ଗଙ୍ଗାର ଉତ୍ପତ୍ତି । ଯଥା ସମୟରେ କମଣ୍ଡଳୁ ନିର୍ଗତ ସେ ଦିବ୍ୟଜ୍ୟୋତିଃର ବିଗଳିତଧାରା ଅଳକାନନ୍ଦା ନାମରେ ସ୍ୱର୍ଗରେ ପ୍ରବାହିତ ହେଲା । କାଳକ୍ରମେ ଗଙ୍ଗାରୂପେ ତା'ର ହେଲା ମର୍ତ୍ତ୍ୟକୁ ଅବତରଣ ।

ବିଷ୍ଣୁଙ୍କ କଳେବରକୁ ଆବରିତ କରୁଥିବା ଜ୍ୟୋତିଃର ବିଗଳିତ ରୂପ ବୋଲି ଗଙ୍ଗା ଏଡ଼େ ପବିତ୍ର । ମୃତ୍ୟୁହୀନ ସ୍ୱର୍ଗଲୋକରୁ ଅବତରଣ କରି ଆସି ଧରିତ୍ରୀରେ ସେ ମୃତକୁ ଜୀବନଦାନ କରିଥିଲା । ପରମ ଦିବ୍ୟଶକ୍ତିର ତିନୋଟି ଯାକ ପ୍ରତିଭୂ ସହ ଏହା ସମ୍ପର୍କିତ : ଏହା ବିଷ୍ଣୁଙ୍କ ବିଗଳିତ କଳେବର-ଜ୍ୟୋତିଃ; ବ୍ରହ୍ମାଙ୍କ ଦ୍ୱାରା ସଂରକ୍ଷିତ; ଶିବଙ୍କ ସୌଜନ୍ୟରେ ପ୍ରଥମେ ତାଙ୍କରି ଶିରୋଦେଶରେ ଅବତରଣ କରି ତପ୍ରେ ସୁଗମ ରୀତିରେ ଧରାପୃଷ୍ଠରେ ତା'ର ପ୍ରବହଣ । ଏ ବିଗଳିତ କରୁଣାଧାରା ସ୍ୱର୍ଗ ଓ ମର୍ତ୍ତ୍ୟ ଭିତରେ ଅତୀନ୍ଦ୍ରିୟ ସଂଯୋଗ ।

ଏହା ଏକ ସୂକ୍ଷ୍ମ ପ୍ରକ୍ରିୟାର ସ୍ଥୂଳ ଆଖ୍ୟାୟିକା । ଏକ ଛନ୍ଦ ଦ୍ୱାରା ପରିଚାଳିତ ଏ ସମଗ୍ର ସୃଜନୀ । ସୂର୍ଯ୍ୟୋଦୟ-ସୂର୍ଯ୍ୟାସ୍ତଠୁଁ ଆରମ୍ଭ କରି ଆମର ନିଃଶ୍ୱାସ-ପ୍ରଶ୍ୱାସ ଓ ହୃତ୍ସ୍ପନ୍ଦନ ପର୍ଯ୍ୟନ୍ତ ସମସ୍ତ କ୍ରିୟା ପଶ୍ଚାତରେ ରହିଛି ଏକ ଛନ୍ଦ । ଏହି ଛନ୍ଦର ସର୍ବୋତ୍ତମ ପ୍ରକାଶ ବିଶୁଦ୍ଧ ସଂଗୀତ । ଅହଂ-ଚାଳିତ ଚେତନା ଦ୍ୱାରା ସେହି ଛନ୍ଦରେ, ସେହି ସଂଗୀତରେ ବିକୃତି ଆରୋପିତ ହେଲେ ଜୀବନ ହୁଏ ବିକଳାଙ୍ଗ । ଦିବ୍ୟକରୁଣାହିଁ ତାକୁ ପୁନର୍ବାର ପୂର୍ଣ୍ଣାଙ୍ଗ କରିପାରେ ।

ସ୍ଥୂଳ ପୃଥିବୀରେ ଆମେ ଯଦି ଗଙ୍ଗାକୁ ପୁନର୍ବାର ସ୍ୱଚ୍ଛ ଓ ସୁନ୍ଦର କରି ପାରିବୁ, ସୂକ୍ଷ୍ମସ୍ତରରେ ତାହା ଆମର ଏକ ଆଧ୍ୟାତ୍ମିକ ପ୍ରଗତିର ପ୍ରତିଶ୍ରୁତି ବୋଲି ବୁଝିବାକୁ ହେବ ।

— ମନୋଜ ଦାସ ❑

ଦୂରଭାଷୀ କୁହୁକିନୀ

ସହାୟ ନା ଶତ୍ରୁ ?

ଗତ ବିଂଶ ଶତାବ୍ଦୀ ଭିତରେ ବିଜ୍ଞାନର ବହୁଳ ବିକାଶ ଆମକୁ କେତେ ସ୍ୱାଛନ୍ଦ୍ୟ ଯୋଗାଇ ଭାଗ୍ୟବାନ୍ କରିଛି । ସାଧାରଣ ବ୍ୟବହାରିକ ସ୍ୱାଛନ୍ଦ୍ୟ ତାଲିକାର ଅନ୍ତର୍ଭୁକ୍ତ ଟେଲିଫୋନ୍ ଏବଂ ଟେଲିଭିଜନ୍ । ମାତ୍ର ପଚାଶ ବର୍ଷ ତଳେ ଆମ ଦେଶରେ ଟେଲିଫୋନ୍ ଥିଲା ଦୁର୍ଲଭ । ଟେଲିଭିଜନ୍ ଥିଲା ପରୀକାହାଣୀ । ଆଜି ସେସବୁ ମାମୁଲି ବ୍ୟବହାର୍ଯ୍ୟ ସାମଗ୍ରୀ ରୂପେ ଗୃହୀତ ।

ଆମ ଜୀବନ-ଶୈଳୀ ଉପରେ ଟେଲିଫୋନ୍‌ର ପ୍ରଭାବ ଥିଲା ସାମାନ୍ୟ । ଟେଲିଭିଜନ୍‌ର ପ୍ରଭାବ ହେଲା ବିପୁଳ । କିନ୍ତୁ ସେ ପ୍ରଭାବକୁ ନିକଟ ଅତୀତରେ ବହୁମାତ୍ରାରେ ଅତିକ୍ରମ କରିଯାଇଛି ମୋବାଇଲ୍‌ର ପ୍ରଭାବ । ମାତ୍ର ପନ୍ଦର, କୋଡ଼ିଏ ବର୍ଷ ଭିତରେ ମୋବାଇଲ୍ ଫୋନ୍ ଆମକୁ ଯେପରି ଭାବରେ କାବୁ କରିନେଇଛି, ବ୍ୟବହାରିକ ବିଜ୍ଞାନର କୌଣସି ଅବଦାନ ତାହା କରିପାରି ନଥିଲା । ଦଶବର୍ଷ ତଳେ ପାଶ୍ଚାତ୍ୟର ଏକ ପତ୍ରିକାରେ ଗୋଟିଏ କାର୍ଟୁନ୍ ଥିଲା । ଜଣେ ଭଦ୍ରଲୋକ ତାଙ୍କ ଟ୍ରାଉଜର୍ସର୍ ଦୁଇ ପକେଟରେ ହାତ ଭର୍ତ୍ତି କରି ବାଟ ଚାଲୁ ଚାଲୁ ଅଟକି ଯାଇଛନ୍ତି । ଭଦ୍ରଲୋକଙ୍କ ଚେହେରାଟି ଛଡ଼ା ଛବିଟିରେ ଆଉ କିଛି ନାହିଁ । କିନ୍ତୁ ତାଙ୍କ ତଟସ୍ଥ, ଶଙ୍କାକୁଳ ଅଭିବ୍ୟକ୍ତିଟି ତାତ୍ପର୍ଯ୍ୟପୂର୍ଣ୍ଣ । ତଳେ ଲେଖାଯାଇଛି ଏତିକି : ''ସେ ତାଙ୍କ ମୋବାଇଲ୍‌ଟି ଘରେ ଛାଡ଼ିଦେଇ ଆସିଥିଲେ । ମନେ ପଡ଼ିବାରୁ ହଠାତ୍ ନିଜକୁ ଉଲଗ୍ନ ମନେ କରୁଛନ୍ତି ।''

ପାଞ୍ଚବର୍ଷ ତଳେ ସମ୍ଭବତଃ ଆର. କେ. ଲକ୍ଷ୍ମଣଙ୍କ ଗୋଟାଏ କାର୍ଟୁନ୍‌ରେ ସେ ଦେଖାଇଥିଲେ ଜଣେ ଭଦ୍ରଲୋକ ହାସ୍‌ପାତାଲ୍‌ରେ ଶଯ୍ୟାଶାୟୀ; ହାତ, ଗୋଡ଼ ଏବଂ ବେକ ଇତ୍ୟାଦି ବ୍ୟାଣ୍ଡେଜାବୃତ । କିନ୍ତୁ ଗୋଟିଏ ହାତରେ ସେ ମୋବାଇଲ୍ ଧରି ରଖିଛନ୍ତି କାନ ପାଖରେ । ଚିତ୍ରଟିର ପରିଚୟ : ''ଦୁର୍ଘଟଣା ହେଲାବେଳେ ସେ କଥା କହୁଥିଲେ । ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ବନ୍ଧାବନ୍ଧି କରି ଏଠି ଶୁଆଇ ରଖାହେଲାଣି; କିନ୍ତୁ ସେ ତାଙ୍କ ଆଳାପ ଅବ୍ୟାହତ ରଖିଛନ୍ତି ।''

ପ୍ରତି କାର୍ଟୁନ୍ ଭଳି ଏହା ଅବଶ୍ୟ ଅତିରଂଜନ । କିନ୍ତୁ ଅତ୍ୟଧିକ ଅତିରଂଜନ କି ? ବୋଧହୁଏ ନୁହେଁ । ମାତ୍ର କେଇଦିନ ତଳର କଥା । ୧୯ ଡିସେମ୍ବର ୨୦୧୩ ତାରିଖର ''ଟାଇମ୍‌ସ୍ ଅଫ୍ ଇଣ୍ଡିଆ''ରେ ପ୍ରକାଶିତ ଏକ ସଂବାଦର ସାରାଂଶ ହେଲା, ଅଷ୍ଟ୍ରେଲିଆର ସିଡ୍‌ନୀ ଉପକଣ୍ଠରେ ଆଦ୍ୟରଜନୀରେ ଭ୍ରମଣରତ ଜଣେ ମହିଳା ମୋବାଇଲ୍‌ରେ ନିମଜ୍ଜିତ ଥିବା ଅବସ୍ଥାରେ ପୋଲ ତଳେ ଜଳାଶୟ ଭିତରକୁ ଖସି ପଡ଼ି ତହିଁରେ ନିମଜ୍ଜିତ ହେଲେ । ତତ୍‌କ୍ଷଣାତ୍ ତାଙ୍କୁ ଉଦ୍ଧାର କରାଗଲା । ଦେଖାଗଲା ମୋବାଇଲ୍ ଉପରୁ ତାଙ୍କ କବ୍‌ଜା ଶିଥିଳ ହୋଇ ନାହିଁ । ପଅଁଷଠି ଫୁଟ୍‌ର ପତନ ତାଙ୍କ ମୋବାଇଲ୍ ପ୍ରୀତି ଆଗରେ ହାର ମାନିଛି !

ମୋବାଇଲ୍ ଫୋନ୍‌ର ଉପକାରିତା ଏବଂ ଅପକାରିତା ସଂପର୍କରେ ପ୍ରଚୁର ଆଲୋଚନା ହୋଇଛି ଏବଂ ହେଉଛି । ଗାଡ଼ି ଚଳାଇବାବେଳେ ବା ଏପରିକି ତୁଚ୍ଛା ଚାଲିଲାବେଳେ ମୋବାଇଲ୍ ଫୋନ୍‌ର ବ୍ୟବହାର ଯୋଗୁଁ ଦୁର୍ଘଟଣା ସଂଖ୍ୟାରେ ବିପୁଳ ବୃଦ୍ଧି ଘଟିଛି; ପୁଣି *Occupational Environmental Medicine* ପତ୍ରିକା ତରଫରୁ ପରିଚାଳିତ ଗୋଟିଏ ନିର୍ଭରଯୋଗ୍ୟ ସମୀକ୍ଷା କହୁଛି, ତରୁଣ-ତରୁଣୀମାନେ ଯଦି ଦଶବର୍ଷ କାଳ ଅତ୍ୟଧିକ ମାତ୍ରାରେ ବୋବାଇଲ୍ ଫୋନ୍ ବ୍ୟବହାର କରିବେ, ତେବେ କ୍ୟାନ୍‌ସର୍ ପ୍ରାୟ ନିଶ୍ଚିତ ।

କିନ୍ତୁ ଏ ଦୁଇଟି ହେଲେ ସ୍ଥୂଳ ପର୍ଯ୍ୟାୟର ଆପଦ । ସୂକ୍ଷ୍ମ ସ୍ତରର ଆପଦ କମ୍ ଭୟାବହ ନୁହେଁ । ଆଜିର ମଣିଷ ଅହରହ ନିଜ ମନ ଓ ଆବେଗରେ ଅସଂଖ୍ୟ ଆଶଙ୍କା ଓ ଉଦ୍‌ବିଗ୍ନତା ବହନ କରି ଚାଲୁଥାଏ । ସେହି ଓଜନରେ ସଦ୍ୟ ସଂଯୋଗ ହେଲା ମୋବାଇଲ୍‌ଜନିତ ଦାୟିତ୍ୱ : କୁଆଡ଼େ ରଖିଦେଲି ? ଚାର୍ଜ ହୋଇ ରହିଛି ତ ? କେହି ହଡ଼ପ୍ କରି ନେଇ ନାହିଁ ତ ? ଥରେ ବିମାନରେ ଏ ଲେଖକର ଧାଡ଼ିରେ ଦୁଇଜଣ ଅଜଣା ଯାତ୍ରୀ ବସିଥା'ନ୍ତି । ବିମାନ ଠିକ୍ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ନିମନ୍ତେ ଅବତରଣ ଆରମ୍ଭ କରିବା ମାତ୍ରେ ମଝି ସିଟ୍‌ର ଯୁବକ ଯାତ୍ରୀ ଜଣକ ଠିଆ ହୋଇପଡ଼ିଲେ ଓ ବ୍ୟସ୍ତ ଭାବରେ ନିଜ ପାଇଜାମାର ଓ ପଞ୍ଜାବିର ଦୁଇଦୁଇଟି ପକେଟ ଅଣ୍ଡାଳିବାକୁ ଲାଗିଲେ ।

''ସାର୍ ! ବସନ୍ତୁ, ବସନ୍ତୁ । ସିଟ୍ ବେଲ୍ଟ୍ ଭିଡ଼ି ବସନ୍ତୁ !'' ଦୁଇଜଣ ଏଆର ହୋଷ୍ଟେସ୍ ପାଖକୁ ଆସି ତାଙ୍କୁ ଉତ୍କଣ୍ଠିତ ଅନୁରୋଧ କଲେ । ''ବିମାନ ଅବତରଣରତ ।'' ସେମାନେ ଏକାଧିକ ଥର ମନେ ପକାଇଦେଲେ ।

କିନ୍ତୁ ଯୁବକ କର୍ଣ୍ଣପାତ କଲେ ନାହିଁ । ସେ ନଇଁପଡ଼ି ସିଟ ତଳ ଅଣ୍ଡାଳି ହେଲେ । ''କରିବି କ'ଣ ? ସବୁ ଫୋନ୍ ନମ୍ବର ମୋବାଇଲ୍‌ରେ । ଡ୍ରାଇଭରକୁ ଡାକିବି କେମିତି ? ବିରାଟ ବିମାନ ବନ୍ଦର । ମୋ ପାଇଁ ନୂଆ ସହର । ଯିବି କୁଆଡ଼େ ?''

କ୍ରମେ ସେ ଏଡ଼େ ବିଚଳିତ ଓ ପ୍ରଶ୍ନବାଚୀ ନୟନରେ ତାଙ୍କ ଦୁଇକଡ଼ରେ ଉପବେଶନ ଦୁଇଯାତ୍ରୀଙ୍କ ଆଡ଼େ ବାରଂବାର ଅନାଇଲେ ଯେ ମୋର ମନେହେଲା ସେ ତାଙ୍କ ପ୍ରତିବେଶୀ ଦୁଇ ଯାତ୍ରୀଙ୍କୁ ସନ୍ଦେହ କରୁଛନ୍ତି । ବୟସ ଏବଂ ବେଶଭୂଷା ଦୃଷ୍ଟିରୁ ଦ୍ୱିତୀୟ ଯାତ୍ରୀଜଣକ ଧୂର୍ତ୍ତ ଏବଂ ବେପରୁଆ ମନେ-ହେଉଥିଲେ ।

''ତୁମେ – ତୁମେ ଦେଖି ନାହଁ ?'' ଯୁବକ ସନ୍ଦେହାକୁଳ ଭାବରେ ତାଙ୍କୁ ପ୍ରଶ୍ନ କଲେ । ଅର୍ଥାତ୍ ସେ ଚୋରାଇ ନେଇ ଥାଇପାରନ୍ତି !

ଧୂର୍ତ୍ତ କିନ୍ତୁ ବିଚକ୍ଷଣ ମଧ୍ୟ । ସେ ହସିଦେଲେ ଏବଂ କହିଲେ, ''ନିଜର ସବୁ ପକେଟ ତ ଦେଖିଲେ; ଛାତି ପକେଟ ଦେଖିଛନ୍ତି ?''

ଯୁବକ ଯାତ୍ରୀଙ୍କ ମୁହଁରେ ସଲଜ୍ଜ ହସ ଫୁଟିଲା । ଛାତି ପକେଟରେହିଁ ସେ ଯନ୍ତ୍ରଟି ରଖିଥିଲେ ।

''ଏଣିକି ଛାତି ପକେଟରେ ରଖିବେ ନାହିଁ । ହୃଦ୍‌ଯନ୍ତ୍ର ଉପରେ ଏ ଯନ୍ତ୍ରଟି ନିରବରେ ଦାଉସାଧୁଥାଏ ।'' ପ୍ରତିବେଶୀ ଯାତ୍ରୀ ଆଖି ମାରି ମନ୍ତବ୍ୟ ଦେଲେ । ଅର୍ଥାତ୍ ଆପଣଙ୍କ ପାଖରେ ଆପଣଙ୍କ ହୃଦୟଠାରୁ ଆପଣଙ୍କ ମୋବାଇଲ୍ ଅଧିକ ପ୍ରିୟ ବୋଲାଇବାକୁ ଚାହେଁ !

ସୂକ୍ଷ୍ମ ସ୍ତରରେ ଆମ ଉତ୍କଣ୍ଠାର ଓଜନ ବୃଦ୍ଧି ମୋବାଇଲ୍‌ର ପ୍ରଥମ ଅପକୀର୍ତ୍ତି । ଦ୍ୱିତୀୟ ଏବଂ ଅପେକ୍ଷାକୃତ ଅଧିକ ଅପକୀର୍ତ୍ତି ହେଲା ଦୈନିକ କିଛି ସମୟ ନିଶ୍ଚିନ୍ତ, ନିର୍ବାକ୍ ଏବଂ ଏକାକୀ ରହିବା ନିମନ୍ତେ ଆମ ସ୍ୱାଧୀନତା ଟିକକର ଅପହରଣ । ପରିବାର ଅଥବା ଆପଣଙ୍କ କାର୍ଯ୍ୟସ୍ଥଳୀର ଯେଉଁ ସମସ୍ତ ଖବରାଖବର ଆପଣ ତତ୍‌କ୍ଷଣାତ୍ ନଜାଣିଲେ କାହାରି କିଛି କ୍ଷତି ହୁଅନ୍ତା ନାହିଁ, ଆପଣଙ୍କ ବିଶ୍ୱସ୍ତ ମୋବାଇଲ୍ ଆପଣଙ୍କୁ ସେସବୁ ଜଣାଇବାରୁ ବିରତ ହେବ ନାହିଁ । କେତେବର୍ଷ ତଳେ ଦିନେ କଲିକତାର ଭିକ୍‌ଟୋରିଆ ମେମୋରିଆଲ୍ ହଲ୍ ସମ୍ମୁଖସ୍ଥ ଶ୍ରୀଅରବିନ୍ଦଙ୍କ ପ୍ରତିମୂର୍ତ୍ତି ଆଗରେ ଏ ଲେଖକ ପ୍ରାତଃ-ଭ୍ରମଣ କରୁଥାଏ । ଅନେକେ କରନ୍ତି । ଜଣେ ଧନିକଙ୍କ କାର୍ ଆସି ରହିଲା ଏବଂ ସେ ମହାଶୟ ସେଥିରୁ ବାହାରି ପଦଚାରଣା ଆରମ୍ଭ କଲେ । ସେ ଏ ଲେଖକର ଆଗେ ଆଗେ ଚାଲିଥା'ନ୍ତି । ତାଙ୍କ ଫୋନ୍ ବାଜିଲା । ସେ ବିରକ୍ତ ହୋଇ ଏତକ କହିବାର ଶୁଣିଲି : ''ଦେଖ ପ୍ରିୟେ (Look, my dear !) ମୋତେ ପଞ୍ଚସ୍ତରି ବର୍ଷ ବୟସ ହେଲା । ମାତ୍ର ବର୍ଷେ ହେଲା ମୋବାଇଲ୍ ବ୍ୟବହାର କରୁଛି । ଗତ ପଚାଶ ବର୍ଷ ଧରି ତୁମେ ମୋର ଧର୍ମପତ୍ନୀ ଏବଂ ମୁଁ ପ୍ରାତଃ ଭ୍ରମଣରେ ଅଭ୍ୟସ୍ତ । ମୋଟା ମଫ୍‌ଲର୍ ଖଣ୍ଡିକ ନଆଣି ପତଳାଟି କାହିଁକି ଆଣିଲି, ଏ ପ୍ରଶ୍ନର ଜରୁରୀ ଆବଶ୍ୟକତା ମାତ୍ର ବର୍ଷକ ତଳେ ଥିଲା ବୋଲି ତ କାହିଁ ମନେପଡୁ ନାହିଁ !''

କହିବା ବାହୁଲ୍ୟ – ଆଜି ପ୍ରଶ୍ନଟିର ଆବଶ୍ୟକତା ମୋବାଇଲ୍ ଅଛି ବୋଲି !

ମୁଦ୍ରାସ୍ଫୀତି ଭଳି ଆଚାର ବ୍ୟବହାରରେ ଏହି ସ୍ଫୀତିର ଏ ନମୁନା କେତୋଟି ପ୍ରତୀକାତ୍ମକ । କିନ୍ତୁ ମୋବାଇଲ୍-ବ୍ୟବହାରର-ବାହୁଲ୍ୟ ପଶ୍ଚାତରେ ରହିଛି ଏକ ପ୍ରକୃତରେ ଚେତନାଗତ ବିଭୀଷିକା ।

ଆଜି ମଣିଷ ସ୍ୱାଧିକାର ସଚେତନ; କିନ୍ତୁ ଆତ୍ମସଚେତନ ନୁହେଁ । ଗଣତନ୍ତ୍ର, ସମାଜବାଦ, ମୌଳିକ ଅଧିକାର, ଅଭିବ୍ୟକ୍ତିର ସ୍ୱାଧୀନତା – ଏସବୁକୁ ଆମେ ଆମର ନ୍ୟାଯ୍ୟ ପ୍ରାପ୍ୟ ଭାବରେ ଧରି ନେଇଛୁ । ଠିକ୍ କଥା । କିନ୍ତୁ ଏ ସମସ୍ତ ସୁବିଧା ସୁଯୋଗ ଆମ ନିଜ ନିଜର ଯେତିକି ସ୍ୱାଭାବିକ ପ୍ରାପ୍ୟ ବୋଲି ଆମେ ଧରିନେଉ, ଅନ୍ୟର ପ୍ରାପ୍ୟ ସେତିକି ବୋଲି ଆମେ ମନେକରୁନା । ଜାତି, ଧର୍ମ, ଗୋଷ୍ଠୀ, ଆଦର୍ଶ, ଭାଷା – ଏମନ୍ତ ଅସଂଖ୍ୟ ପ୍ରଭାବ ସମେତ ଆମ ନିଜ ନିଜର ସ୍ୱାର୍ଥଗତ କାରଣରୁ ଆମେ ଅନ୍ୟର ଅଧିକାର ପ୍ରତି ଅନ୍ଧ । ସାମାଜିକ ଅସଂହତିର ଏହାହିଁ ପ୍ରମୁଖ ହେତୁ ।

ମାନବଜାତିର ଅଦୃଷ୍ଟ ବର୍ତ୍ତମାନ ପରସ୍ପର-ବିରୋଧୀ ଦୁଇଧାରା ଦ୍ୱାରା ପ୍ରଭାବିତ । ସ୍ଥୂଳ ପ୍ରକୃତିର ଗତାନୁଗତିକ ଅଭିଳାଷ – ମଣିଷ ଜାତି ବିଧ୍ୱସ୍ତ ହେଉ । ପ୍ରଳୟ ପରେ ପୁନର୍ବାର ଚେତନାର ପୁନଃପ୍ରବର୍ତ୍ତନ ଏବଂ ବିକାଶ ହେଉ ।

ବିବର୍ତ୍ତନୀ ଶକ୍ତି ଚାହେଁ, ମଣିଷ ନିଜର ଯାବତୀୟ ଅପୂର୍ଣ୍ଣତାରୁ ଉତ୍ତୀର୍ଣ୍ଣ ହୋଇ ଏକ ନୂତନ ଜୀବନର ସୂତ୍ରପାତ

କରୁ । ମଣିଷକୁ ଅଜସ୍ର ଐଶ୍ୱର୍ଯ୍ୟରେ ଭାଗ୍ୟବାନ୍ କରିଚାଲିଛି ବିଜ୍ଞାନ । ସେସବୁର ବ୍ୟବହାର ମାଧ୍ୟମରେ ସେ ଆପଣା ଜୀବନକୁ ସ୍ୱଚ୍ଛନ୍ଦ କରିପାରିବ; ସ୍ଥୂଳ ସୁବିଧା ସୁଯୋଗ ହାସଲ କରିବା ନିମନ୍ତେ ତାକୁ ଯଦି ଯଥେଷ୍ଟ ସମୟ ଓ ସାମର୍ଥ୍ୟ ବ୍ୟୟ କରିବାକୁ ନପଡ଼ିବ, ତେବେ ସେ ହେବ ଅନ୍ତର୍ମୁଖୀ । ଅନ୍ତର୍ମୁଖୀ ହେଲେହିଁ ସେ ଜୀବନର ପ୍ରକୃତ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସଂପର୍କରେ ସଜାଗ ହେବ । ସେ ବୁଝିପାରିବ, ଆମର ସମସ୍ତ ବିପର୍ଯ୍ୟୟର ମୂଳଦୁଆ ହେଲା ଅହଂ । ମଣିଷ ଅହଂ ଉପରେ ବିଜୟଲାଭ ଦିଗରେ ସଚେଷ୍ଟ ହେଲେ ଜୀବନସଂଗ୍ରାମ ଓ ସମସ୍ୟା ସମୂହର ତାତ୍ପର୍ଯ୍ୟ ତା' ପାଇଁ ବଦଳିଯିବ ।

ବିଡ଼ମ୍ବନା ହେଲା, ସ୍ଥୂଳ ପ୍ରକୃତି ଆମକୁ ବହିର୍ମୁଖୀ କରି ରଖୁଛି । ସେଦିଗରେ ତା'ର ସର୍ବସାଂପ୍ରତିକ ଓ ଶକ୍ତିଶାଳୀ କୌଶଳ ହେଲା ମୋବାଇଲ୍ ଫୋନ୍ । ପ୍ରଚୁର ଜୀବନୀଶକ୍ତିର ଅପଚୟ ନିମନ୍ତେ ଏହା ଏକ ସୁଗମ ମାଧ୍ୟମ । ଏହାର ସୀମିତ ବ୍ୟବହାର ଏକ ଆଶୀର୍ବାଦ; ଏହା ପାଖରେ ଆତ୍ମସମର୍ପଣ ଏକ ବିବର୍ତ୍ତନ ବିରୋଧୀ ଅଭିଶାପ । ସ୍ଥୂଳ-ପ୍ରକୃତି ପ୍ରଣୋଦିତ ଏହା ଏକ ପ୍ରାଣ-ଶକ୍ତି ପିପାସୁ କୁହୁକିନୀ । ଅନ୍ତତଃ ଆପାତତଃ ଅଧିକାଂଶ ମଣିଷଙ୍କ ପାଇଁ ମୋବାଇଲ୍ ଏହି ଭୂମିକାରେ ଅବତୀର୍ଣ୍ଣ ।

— ମନୋଜ ଦାସ

❑❑❑

February 2014

Commemorating the Centenary Year of
Sri Aurobindo's Arrival at Pondicherry (1910 - 2010)

Collected Works of The Mother - 17 Vols.
Rs. 2000 only *(Till stocks last)*

The Great Adventure – A Diary for All Times
Rs. 150 only

Savitri (Pocket - HB - 1972 Edition)
Rs. 150 only

VAK - ***The Spiritual Book Shop***, Pondicherry - 605 002
Phone : +91 413 2334542 / 2336672, Mobile: +91 9489063512
E-mail : vakbooks@gmail.com
Contact Person : Subrat Patnaik (Manager)

ସୃଷ୍ଟିର ଆଦି ଅନ୍ତ : ସର୍ବ-ସାଂପ୍ରତିକ ତତ୍ତ୍ୱ

ଇଂରେଜ ବିଜ୍ଞାନୀ ଚାର୍ଲସ୍ ଡାର୍‌ୱଇନ୍ (୧୮୦୯-୧୮୮୨) ଯେତେବେଳେ କ୍ରମବିକାଶତତ୍ତ୍ୱ ପରିବେଷଣ କଲେ, ସେତେବେଳେ ତାଙ୍କୁ ରକ୍ଷଣଶୀଳମାନଙ୍କଠାରୁ ବହୁ ଭର୍ତ୍ସନା ଶୁଣିବାକୁ ପଡ଼ିଲା । ସେଥିରେ କିଛି ଅସ୍ୱାଭାବିକତା ନଥିଲା । ଯାହା ଉଲ୍ଲେଖଯୋଗ୍ୟ, ସମସାମୟିକ ବୈଜ୍ଞାନିକମାନେ ମଧ୍ୟ ତାଙ୍କ ତତ୍ତ୍ୱକୁ ତାଚ୍ଛଲ୍ୟ କଲେ; ସମସ୍ତେ ନହେଲେ ମଧ୍ୟ ଅନେକେ ।

ଆଜି କ୍ରମବିକାଶତତ୍ତ୍ୱ ସାଧାରଣଜ୍ଞାନର ଅନ୍ତର୍ଭୁକ୍ତ । ଅବଶ୍ୟ ଡାର୍‌ୱଇନ୍ କ୍ରମବିକାଶର ଯେଉଁ ପଦ୍ଧତି ଅଥବା ସେ ପଦ୍ଧତି ପଶ୍ଚାତରେ ଥିବା ଯେଉଁସବୁ ପ୍ରାକୃତିକ ହେତୁ ନିର୍ଣ୍ଣୟ କରିଥିଲେ, ସେସବୁ ସଂପୂର୍ଣ୍ଣ ସତ୍ୟ ନୁହେଁ – ଅନ୍ତତଃ ଅଧ୍ୟାତ୍ମ-ବିଜ୍ଞାନ ଦୃଷ୍ଟିରୁ ନୁହେଁ । ମର୍କଟ ସ୍ୱତଃସ୍ଫୂର୍ତ୍ତ ଭାବେ ଦିନେ ମଣିଷ ବନିଗଲା, ନା କ୍ରମବିକାଶ ତା'ର ରହସ୍ୟମୟ ଧାରାରେ ମର୍କଟ ସୃଷ୍ଟି ପରେ ମଣିଷ ସୃଷ୍ଟି କଲା, ତାହା ଏକ ବିଶେଷ ପ୍ରସଙ୍ଗ । ମନେ ପଡ଼ୁଛି ଉଭଟିକା (Limerick)ଟିଏ :

Said the old monkey
hanging from his tail,
To his tribe of male and female,
"Lend me your ears,
In a few million years
One of our offspring will be
a professor at Yale.

ମୁକ୍ତ ଭାଷାନ୍ତର :

ଲାଞ୍ଜ ଯୋଗେ ଝୁଲି କହେ ମର୍କଟ ପ୍ରବୀଣ,
ସ୍ୱଦଳର ମର୍କଟ ଓ ମର୍କଟୀଙ୍କୁ କରି ସମ୍ବୋଧନ,
"ଶୁଣ ମୋତେ, ଶୁଣ ପାରି କାନ
କେତେ କୋଟି ବର୍ଷ ଅନ୍ତେ କେହି ଜଣେ
ଆମରି ସନ୍ତାନ,
ୟେଲ୍ ବିଶ୍ୱବିଦ୍ୟାଳୟେ ଯାଇ
ଅଧ୍ୟାପକ ପଦଟିଏ କରିବ ମଣ୍ଡନ !"

ନିର୍ଭୁଲ ବୋଲି ବିବେଚିତ କେତେ ବୈଜ୍ଞାନିକ ତତ୍ତ୍ୱ କାଳର ଦୁର୍ଦ୍ଦମନୀୟ ପ୍ରଗତିରେ ଭୁଲ୍ ବୋଲି ପ୍ରମାଣିତ ହୋଇଗଲେଣି । ଏହି ରୀତିର ସମସାମୟିକ ବିଶେଷ ଦୃଷ୍ଟାନ୍ତ ହେଲା ଅସାମାନ୍ୟ ଶକ୍ତିମାନ୍ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ''ଅବିଚଳ ବ୍ରହ୍ମାଣ୍ଡ'' (Static Universe)ତତ୍ତ୍ୱ । ୧୯୧୭ ମସିହାରେ ପରିବେଷିତ ଏ ତତ୍ତ୍ୱ ଅନୁସାରେ ବିଶ୍ୱବ୍ରହ୍ମାଣ୍ଡ ସ୍ଥିର ବା ଅବିଚଳ । କିନ୍ତୁ ବିଂଶ ଶତାବ୍ଦୀରେହିଁ ଏଡ୍‌ୱଇନ୍ ହାବ୍‌ଲଙ୍କ ଭଳି ବୈଜ୍ଞାନିକମାନେ ପ୍ରମାଣ କରିଦେଲେ ଯେ ବିଶ୍ୱବ୍ରହ୍ମାଣ୍ଡ ମୋଟେ ଅବିଚଳ (Static ବା Stationary) ନୁହେଁ; ଏହା ନିୟତ ପ୍ରସାରଣରତ !

ସଂପ୍ରତି (୨୦୧୫ ମାର୍ଚ୍ଚ ପ୍ରଥମ ସପ୍ତାହରେ) ଉପସ୍ଥାପିତ ହୋଇଛି ବିଶ୍ୱବ୍ରହ୍ମାଣ୍ଡ ସମ୍ପର୍କରେ ସବୁଠାରୁ ଚମକପ୍ରଦ ତତ୍ତ୍ୱ । ଯେତିକି ଗୁରୁତ୍ୱ ଦେଇ ଏ ସମ୍ବାଦକୁ ଗଣମାଧ୍ୟମ ପରିବେଷଣ କରିବା ଉଚିତ, ତାହା ଅବଶ୍ୟ ହୋଇ ନାହିଁ । ତତ୍ତ୍ୱଟିର ରେଖାଚିତ୍ର ଏହିପରି :

ଆଜି ପର୍ଯ୍ୟନ୍ତ ଧରି ନିଆଯାଇଥିଲା ଯେ ଏ ବିଶ୍ୱ ବ୍ରହ୍ମାଣ୍ଡ ହଠାତ୍ ଏକ ପ୍ରଚଣ୍ଡ ବିସ୍ଫୋରଣ (Big Bang) ଯୋଗେ ସୃଷ୍ଟ ହୋଇଗଲା । ସେ ଘଟଣାଟି ଘଟିଥିଲା ୧୩.୮ ବିଲିଅନ୍ ବର୍ଷ ପୂର୍ବେ । (ଗୋଟିଏ ବିଲିଅନ୍ ହେଲା ୧,୦୦୦,୦୦୦,୦୦୦); ଅର୍ଥାତ୍ ଏ ବିଶ୍ୱବ୍ରହ୍ମାଣ୍ଡ ଦିନେ ନଥିଲା; ଆକସ୍ମିକଭାବେ ଉଦ୍ଭୂତ ହେଲା । ଯାହାର ଆରମ୍ଭ ଅଛି, ତାହାର ଶେଷ ମଧ୍ୟ ରହିବା ସ୍ୱାଭାବିକ । କେବେ ଏବଂ କେଉଁ କାରଣରୁ ଏହାର ବିଲୋପ ଘଟିବ, ସେ ସମ୍ପର୍କରେ ମଧ୍ୟ ବୈଜ୍ଞାନିକ ଭବିଷ୍ୟତ୍ ବାଣୀ ରହିଛି – ଯଦିଓ 'ବିଗ୍ ବ୍ୟାଙ୍ଗ୍' ତତ୍ତ୍ୱ ଭଳି ତାହା ସର୍ବଜନ ଗୃହୀତ-ପ୍ରାୟ ନୁହେଁ ।

କିନ୍ତୁ ବର୍ତ୍ତମାନ ବୈଜ୍ଞାନିକମାନେ ପ୍ରମାଣ କରୁଛନ୍ତି, ଏ ବିଶ୍ୱବ୍ରହ୍ମାଣ୍ଡର ଆରମ୍ଭ-ମୁହୂର୍ତ୍ତ ବୋଲି କିଛି ନାହିଁ । ଏହା ସର୍ବଦା ରହିଥିଲା ଏବଂ ସର୍ବଦା ରହିଥିବ; ଏହା ଅନାଦି, ଅନନ୍ତ ।

ଏହି ତତ୍ତ୍ୱର ଅନ୍ୟତମ ଆବିଷ୍କାରକ – ବରଂ ମୁଖ୍ୟ ଆବିଷ୍କାରକ – ହେଲେ କାନାଡ଼ାର ଲେଥବ୍ରିଜ୍ ବିଶ୍ୱବିଦ୍ୟାଳୟର ଜଣେ ଭାରତୀୟ ଅଧ୍ୟାପକ ସୌର୍ଯ୍ୟ ଦାସ । ବିଜ୍ଞାନଜଗତର ଗୁରୁତ୍ୱପୂର୍ଣ୍ଣ ପତ୍ରିକା ''Physics Letters B''ରେ ଏହାର ବିଷଦ ବିବରଣୀ ପ୍ରକାଶ ପାଇଛି ।

ଭାରତର ଆଧ୍ୟାତ୍ମିକ ପରଂପରାକୁ ଏ ତତ୍ତ୍ୱ ପୂର୍ଣ୍ଣତଃ ସମର୍ଥନ କରୁଛି । ଜଣେ ଜିଜ୍ଞାସୁଙ୍କ ଚିଠିର ଉତ୍ତରରେ ଶ୍ରୀଅରବିନ୍ଦ ଲେଖିଥିଲେ : "Creation has no beginning and no end. It is only a particular creation that can be said to have a beginning and end.".(SABCL, Vol. 22) ଅର୍ଥାତ୍, ସୃଷ୍ଟିର ଆଦି ନାହିଁ କି ଅନ୍ତ ନାହିଁ । କେବଳ ଗୋଟାଏ ନିର୍ଦ୍ଦିଷ୍ଟ ସୃଷ୍ଟିରହିଁ ଆରମ୍ଭ ଓ ଶେଷ ଅଛି ବୋଲି କୁହାଯାଇପାରେ ।

— ମନୋଜ ଦାସ

□□□

ତୁମର ଯାହାକିଛି ସୁଖ ଓ ଆନନ୍ଦ ତାହା କେବଳ ଭଗବାନଙ୍କଠାରୁ ପାଇବା ଲାଗି ପ୍ରତୀକ୍ଷା କରିବ । କେବଳ ତାଙ୍କରି ମଧ୍ୟରେ ତୁମେ ଖୋଜିବ ଓ ପାଇବ ତୁମର ଆଶ୍ରୟ । ତୁମର ସମସ୍ତ ଦୁଃଖ ମଧ୍ୟରେ ସେ ତୁମକୁ ସାନ୍ତ୍ୱନା ଦେବେ, ହାତ ଧରି ପଥ କଢ଼ାଇ ନେବେ, ଯଦି ଝୁଣ୍ଟି ପଡ଼ ତୁମକୁ ତଳୁ ଉଠାଇ ନେବେ, ଯଦି ବ୍ୟର୍ଥତା ଓ ଅତିଶୟ କ୍ଲାନ୍ତିର ମୁହୂର୍ତ୍ତ ଆସେ ତେବେ ସେ ତୁମକୁ ତାଙ୍କର ପ୍ରେମପୂର୍ଣ୍ଣ ଶକ୍ତିଶାଳୀ ବାହୁ ଯୁଗଳରେ ଟୋଳି ନେବେ ଏବଂ ତାଙ୍କର ଶାନ୍ତି ପ୍ରଦାନକାରୀ ମଧୁରତା ମଧ୍ୟରେ ତୁମକୁ ଆଲିଙ୍ଗନବଦ୍ଧ କରିବେ ।

— ଶ୍ରୀମା

At last a pimple / acne treatment that *REALLY* works !!

People from more than 16 countries have said that Tarika Pimple Remover has worked for their stubborn pimples and acne.

Now eliminate your stubborn pimples / acne completely and safely. Results visible in 10 days!!

Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.

tarika

Ayurvedic Pimple / Acne Remover

100% Herbal - Chemical Free
No side effects
Exported to over 16 countries

For enquiry and Home Delivery contact: Kanti Enterprises, Bhubaneswar
PH: 7894465420 / 7894465416
Buy online at www.ayurlabsindia.com/indshop

Mfr: **Ayurlabs India**, Pondicherry 605001.Ph: 0413-2224935,2339477 Email: ayurlabs@gmail.com